# Akashvani, Sambalpur

# SAMBALPURI NEWS BULLETIN

## 2 August 2024- 6.47- 6.52 am.

**********************************************

ଖାଦ୍ୟଯୋଗାଣ ମନ୍ତ୍ରୀ- ଆଳୁ          ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଆଳୁ ସମସ୍ୟାର୍ ସମାଧାନ୍ ଲାଗି ରାଜ୍ୟ ସର୍‌କାର୍ ଏତ୍‌କେ ଉତର୍‌ପ୍ରଦେଶ୍‌ନୁ ଆଳୁ ଆନ୍‌ବାର୍‌କେ ନିଷ୍ପତି ନେଇଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସଭା ଭବନ୍ ନ ଇ ବାବ୍‌ଦେ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍‌ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଗୁଟେ ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ପଶ୍ଚିମବଙ୍ଗ୍ ସର୍‌କାର୍ ଭିନ୍ ଭିନ୍ ସମିଆଥି ଆଳୁ ଯୋଗାଣଥି ସମସ୍ୟା ସୃଷ୍ଟି କରୁଥିବାର୍‌ନୁ ଏତ୍‌କେ ଉତର୍‌ପ୍ରଦେଶ୍‌ନୁ ଆଳୁ ଆନ୍‌ବାର୍ ଲାଗି ନିଷ୍ପତି ନିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ । ଇଥିର୍‌ଲାଗି ଉତର୍‌ପ୍ରଦେଶ୍ ସର୍‌କାର୍ ସବୁ ପ୍ରକାର୍ ସହଯୋଗ୍ ଯୁଗେଇ ଦେବେ ବଲି ସେ କହିଛନ୍ ।

ବିଧାନ୍‌ସଭା-ବିଭାଗୀୟ ଷ୍ଟାଣ୍ଡିଂ କମିଟି    ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ବିଧାନ୍‌ସଭା ନ ବିଭାଗୀୟ ଷ୍ଟାଣ୍ଡିଂ କମିଟି ଗଠନ୍ କରାଯାଇଛେ । ଫି' କମିଟି ଥି ୧୨ ଝନ୍ ଲେଖା ସଦସ୍ୟ ଅଛନ୍ । ୧୦ ଟା କମିଟି ଭିତ୍‌ରୁ ୭ ଟା କମିଟିଥି ବିଜେପି ବିଧାୟକ୍ ଅଧ୍ୟକ୍ଷ ହେଇଥିବାର୍ ବେଲେ ୨ ଟାଥି ବିଜେଡ଼ି ଆଉ ଗୁଟେଥି କଂଗ୍ରେସ୍ ବିଧାୟକଙ୍କୁ ଅଧ୍ୟକ୍ଷ ଭାବେ ମନୋନୀତ୍ କରାଯାଇଛେ । ଇ କମିଟି ଭିନ୍ ଭିନ୍ ବିଭାଗ୍‌ର କାର୍ଯ୍ୟକ୍ରମ୍‌ମାନ୍‌କେ ତର୍ଜମା କରିକରି ରିପୋର୍ଟ ଦେବେ ।

ପୁଲିସ୍ ବିଭାଗ୍- ଓଡ଼ିଆ ଭାଷାଥି କାମ୍    ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ପୁଲିସ୍ ଏସ୍.ପି. ଆଉ ପୁଲିସ୍ ପ୍ରତିଷ୍ଠାନ୍‌ର ମୁଖ୍ୟ ଅଫିସ୍‌ମାନ୍‌କେ ଓଡ଼ିଆ ଭାଷାଥି ଫାଇଲ୍ କାମ୍ କର୍‌ବାର୍ ଲାଗି କୁହାଯାଇଛେ । ଇ ବାବ୍‌ଦେ ପୁଲିସ୍ ମୁଖ୍ୟାଳୟର୍ ଅତିରିକ୍ତ ମହାନିର୍ଦ୍ଦେଶକ ଗଲା ୨୭ ତାରିଖ୍ ଦିନ ଗୁଟେ ଚିଠି ଲେଖିଛନ୍ ।

ଓଡ଼ିଆ ଭାଷାଥି ସର୍କାରୀ କାମ୍ କେତେଦୂର୍ ଗଲା ସେବାବ୍ଦେ ଗୃହବିଭାଗ୍କେ ଜନାବାର୍ ଲାଗି କୁହାଯାଇଛେ ।

ଅସ୍ଥାବର ସମ୍ପତିର୍ ବଜାର୍ ଦାମ୍ ଆର୍ଏନ୍ୟୁ /ସମ୍ବଲପୁର

ଭିନ୍ ଭିନ୍ ପ୍ରାକୃତିକ ବିପର୍ଯ୍ୟୟ ଆଉ ସର୍କାରୀ ଚଢ଼ଉ ବେଲେ ମିଲିଥିବା ଅସ୍ଥାବର ସମ୍ପତିର୍ ବଜାର୍ ଦାମ୍ ନାଇଁ ଜନାପଡ଼େ । ସେଥିର୍ଲାଗି ଇତାର୍ଦାମ୍ ଧାରିଜ୍ କର୍ବାର୍କେ ରାଜ୍ୟ ସର୍କାର୍ ଗୁଟେ କମିଟି ଗଠନ୍ କରିଛନ୍ । ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ବିଭାଗ୍ ତର୍ଫୁ ବିଭାଗ୍ର ଅତିରିକ୍ତ ସଚିବ ଶଶଧର ନାୟକଙ୍କର୍ ଅଧ୍ୟକ୍ଷତାଥି ଗୁଟେ ୬ ଝନିଆ କମିଟି ଗଠନ୍ କରାଯାଇଥିବାର୍ ସୂଚ୍ନା ମିଲିଛେ ।

ପିଜି ମେଧା ତାଲିକା ଆର୍ଏନ୍ୟୁ /ସମ୍ବଲପୁର

ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ବିଷୟୱାରି ଆଉ ରାଜ୍ୟବ୍ୟାପୀ ସ୍ନାତକୋତର - ପିଜି ମେଧା ତାଲିକା ଆଏବା ୫ ତାରିଖ୍ ଦିନ ବାହାର୍ବା । ଛାତ୍ରଛାତ୍ରମାନେ ଉପର୍ବେଲା ୪ ବଜେ ତାଲିକା

ଯାଂଚ୍ କରିପାର୍‌ବେ । ଛାତ୍ରଛାତ୍ରୀମାନେ ୬ ନୁ ୧୨ ତାରିଖ୍‌ଭିତ୍‌ରେ ସେମାନ୍‌କର୍ ପସନ୍ଦ୍‌ର କଲେଜ୍ ବାଛ୍‌ବେ । ୨୦ ତାରିଖ୍ ଉପର୍‌ବେଲା ୪ ବଜେ ପହେଲା ଖେପ୍ ସିଟ୍ ତାଲିକା ବାହାର୍‌ବା । ପହେଲା ଖେପ୍ ନାଁଲେଖା ଲାଗି ବଛାଯାଇଥିବା ଛାତ୍ରଛାତ୍ରୀମାନେ ୨୧ ନୁ ୨୪ ତାରିଖ୍ ସଞ୍ଜର୍ ୫ ବଜେ ଭିତ୍‌ରେ ନାଁ ଲେଖେଇପାର୍‌ବେ । ଆଏବା ୩୧ ତାରିଖ୍ ଉପର୍‌ବେଲା ୪ ବଜେ ୨ ନମ୍ବର୍ ଖେପ୍ ମେଧାତାଲିକା ବାହାର୍‌ବା ।

ଇଗ୍ନୋ ନାଁଲେଖା ଆର୍‌ଏନ୍‌ୟୁ / ସମ୍ବଲପୁର

ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ- ଇଗ୍ନୋଥି ସ୍ନାତକ, ସ୍ନାତକୋତର , ପିଜି ଡିପ୍ଲୋମା ସାର୍ଟିଫିକେଟ୍ କୋର୍ସ ଲାଗି ନାଁଲେଖା ଅଗଷ୍ଟ ୧୪ ତାରିଖ୍‌କେ ବଢ଼ାଯାଇଛେ । ଭିନ୍ ଭିନ୍ କାରଣ୍‌ନୁ ପାଠ୍ ଛାଡ଼ିଥିବା କି ଉଚ୍ଚଶିକ୍ଷା ନାଇଁ ପାଇପାରୁଥିବା ଲୁକେ ନାଁ ଲେଖେଇପାର୍‌ବେ । ଇବାବ୍‌ଦେ ସବୁ ସୂଚ୍‌ନା ଇଗ୍ନୋ ୱେବ୍‌ସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ଇଗ୍ନୋ ଡଟ୍ ଏସି ଡଟ୍ ଇନ୍‌ଥି ମିଳିପାରୁଛେ ।

ଡେପୁଟି ରେଜିଷ୍ଟ୍ରାର-ପଦୋନ୍ନତି ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ଉତ୍କଳ, ବ୍ରହ୍ମପୁର୍ ଆର୍ ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ ନ ଡେପୁଟି ରେଜିଷ୍ଟ୍ରାର୍ ମାନେ ଜଏଂଟ୍ ରେଜିଷ୍ଟ୍ରାର୍ ହେବେ । ଇଥିର୍‌ଲାଗି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ ଯେନ୍‌ମାନେ ଅଧ୍ୟାପକ ନୁହନ୍ ସେମାନ୍‌କୁ ଇ ଦାୟିତ୍ୱ ଦିଆଯିବା । ସର୍ତ ଅନ୍‌ସାରେ ଯେନ୍‌ମାନେ ଓଡ଼ିଶା ବିଶ୍ୱବିଦ୍ୟାଳୟ ନିଯୁକ୍ତି ଆଉ ଅଣଅଧ୍ୟାପକ କର୍ମଚାରୀ ଆଇନ୍ ୧୯୯୧ ଅନ୍‌ସାରେ ପଦୋନ୍ନତି ପାଇଥିବେ ସେମାନ୍‌କୁ ଗୁରୁତ୍ୱ ଦିଆଯିବା ।

ବିଦ୍ୟୁତ୍ ଯୋଗାଣ ବନ୍ଦ୍ ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍‌ର ଅଇଁଠାପାଲି ପାଖେ ଥିବା ୩୩ କେଭି ଫିଡର୍ ଲାଇନ୍‌ର ରକ୍ଷଣାବେକ୍ଷଣ୍ ଲାଗି ଆଏଜ୍ ସଖାଲର୍ ୮ ବଜୁ ଦିନର୍ ୨ ବଜେତକ୍ ସମ୍ବଲ୍‌ପୁର୍ ସହରର୍ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା । ଇଥିର୍‌ଲାଗି ସହର୍‌ର୍ ଅଇଁଠାପାଲି, କାଇଁଶିର୍, ଭାଲୁପାଲି, ବୁଢ଼ାରଜା, ପ୍ରଧାନ୍‌ପଡ଼ା, ଅନୁଗୁଲିଆପଡ଼ା,

ଏସ୍‌ଆର୍‌ଆଇଟି କଲୋନୀ, ଜଗନ୍ନାଥ କଲୋନୀ, ଏନ୍.ଗୁହା. ଲେନ୍, ଗୋପାଲ୍‌ମାଲ୍, ଚେରୁଆପଡ଼ା, ବଲ୍‌ବସ୍‌ପୁର୍, ସମ୍‌ଲେଇମନ୍ଦିର୍ ଇଲାକା, ବାଲିବନ୍ଧା, ପଟ୍ଟନାୟକ୍‌ପଡ଼ା, ମୁଦିପଡ଼ା, ଲେବର୍ କଲୋନୀ, ରେଲ୍‌ୱେ କଲୋନୀ, ବଙ୍ଗାଲିପଡ଼ା, ବଡ଼ବଜାର୍, ଲକ୍ଷ୍ମୀଡୁଙ୍ଗୁରୀ, ଦୁର୍ଗାପାଲି, ସହଯୋଗ୍ ନଗର୍, ରେମେଡ୍, ବରେଇପାଲି ଆର୍ କ୍ଷେତରାଜ୍‌ପୁର୍ ଇଲାକା ନ ବିଜ୍‌ଲି ଯୋଗାଣ ବନ୍ଦ୍ ରହେବା ବଲି ଡିପିଡବ୍ଲୁଓଡିଏଲ୍ ତର୍‌ଫୁ କୁହାଯାଇଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର        ସମ୍ବଲପୁର୍ ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ଆଏଜ୍ ସଖାଲର୍ ୬ ବଜେ ୬ ଶହ ୮ ଦଶ୍‌ମିକ୍ ୫/୬ ଫୁଟ୍ ରହିଛେ । ଇ ସମିଆଥି ଫି ସେକେଣ୍ଡ୍‌ଥି ଜଲ୍‌ଭଣ୍ଡାର୍‌କେ ୧ ଲାଖ୍ ୨୭ ହଜାର୍ ଶହେ ୪୫ ଘନଫୁଟ୍ ପାଏନ୍ ଆସୁଛେ । ଜଲ୍‌ଭଣ୍ଡାର୍‌ନୁ ୬ ଟା ଗେଟ୍, ପାୱାର୍ ଚେନାଲ୍ ଆର୍ କେନାଲ୍ ଜରିଏ ଫି ସେକେଣ୍ଡ୍‌ଥି ସମାନ୍ ପରିମାଣ୍‌ର ପାଏନ୍ ଛଡ଼ାଯାଉଛେ ।

ଇ-ନିଲାମୀ        ଆର୍‌ଏନ୍‌ୟୁ / ସମ୍ବଲପୁର

ଇ-ନିଲାମୀଥି ଭାଗ୍ ନାଇଁ ନେଇଥିବା ରାଜ୍ୟମାନ୍‌କର୍ ଭାରତୀୟ ଖାଦ୍ୟ ନିଗମ୍ ଆଉ ଖୁଲା ବଜାର୍‌ନୁ ସିଧାସଲଖ୍ ଖାଦ୍ୟଶସ୍ୟ ଘିନିପାର୍‌ବେ ବଲି କେନ୍ଦ୍ର ସର୍‌କାର୍ ନିଷ୍ପତି ନେଇଛନ୍ । ଉପଭୋକ୍ତା, କେନ୍ଦ୍ର ଖାଦ୍ୟ ଆଉ ସାଧାରଣ ବଂଟନ୍ ବିଭାଗ୍ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଇ ବିଷେଥି ଘୋଷ୍‌ନା କରିକରି କହିଛନ୍ ଯେ, ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ମାନେ ଝନ୍‌କ ୫ କେଜି ଲେଖା ମାହାଲିଆ ଖାଦ୍ୟଶସ୍ୟ ନୁ ଅଏତ୍‌କା ରିହାତି ଦାମ୍‌ଥି ସଂଗ୍ରହ କରିପାର୍‌ବେ ।

ଡିଜିଟାଲ୍ ସର୍ଭେ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ଠାନେ ଚାଷ୍ ବାବ୍‌ଦର୍ ଡିଜିଟାଲ୍ ସର୍ଭେ ଲାଗି ମାଷ୍ଟର୍ ଟ୍ରେନର୍ ମାନ୍‌କର୍ ଗୁଟେ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ଗଲାକାଏଲ୍ ହେଇଥିଲା । ଡିଜିଟାଲ୍ ସର୍ଭେ ଜରିଏ ଜମି ମାନ୍‌କେ ହେଉଥିବା ଚାଷ୍‌ର ପରିମାଣ୍ ଜନାପଡ଼୍‌ବା । ଠିକ୍‌ଠାକ୍ ସର୍ଭେ ଉପ୍‌ରେ କାର୍ଯ୍ୟକ୍ରମ୍‌ଥି ଉପସ୍ଥିତ୍ ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍, ଉପଜିଲ୍ଲାପାଲ୍ ପ୍ରଭାସ୍ ଚନ୍ଦ୍ର ଡନ୍‌ସନା ଯୋର୍ ଦେଇଥିଲେ ।

ପାଣିପାଗ                ଆର୍‌ଏନ୍‌ୟୁ / ସମ୍ବଲପୁର

ଝାର୍‌ଖଣ୍ଡ୍ ଆର୍ ଛତିଶ୍‌ଗଡ୍ ଉପ୍‌ରେ ସୃଷ୍ଟି ହେଇଥିବା ଘୂର୍ଣ୍ଣିବଳୟ ଗାଙ୍ଗେୟ ପଶ୍ଚିମବଙ୍ଗ୍‌ର ସ୍ଥଳଭାଗ୍ ଉପ୍‌ରେ ସକ୍ରିୟ ରହିଛେ । ଇତାର୍‌ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ମେଘୁଆପାଗ୍ ସହେତେ ବର୍ଷା ଜାରି ରହିଛେ । ଇ ଥିତି ଆଏବା ତିନ୍‌ଦିନ୍‌ତକ୍ ରହେବା ବଲି ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଇତାର୍‌ସହେତେ ୫ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେନ୍ତା ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍, ବର୍‌ଗଡ୍, ନୂଆପଡ଼ା, ସୁବର୍ଣ୍ଣପୁର୍ ବୌଦ୍ଧ ସହେତେ କେତେଟା ଜିଲ୍ଲା ନ ଜବର୍ ବର୍ଷାର୍ ସମ୍ଭାବନା ଥିବାର୍‌ନୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।